## ସେପ୍ଟେମ୍ବର ୨ ତାରିଖରୁ ଅନୁଗୋଳ ସଭାଘର ଠାରେ

## ରାଜ୍ୟ ସ୍ତରୀୟ ନାଟକ ଉତ୍ସବ "ରଙ୍ଗ ସଙ୍ଗମ"।

---

ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଜିଲ୍ଲା ସଂସ୍କୃତି ପରିଷଦ, ଅନୁଗୋଳର ମିଳିତ ସହଯୋଗ ଓ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ "କଳାକାର " ଅନୁଗୋଳର ସହଯୋଗରେ ଅନୁଗୋଳ ସଭାଘର ଠାରେ ଆଗାମୀ ସେପ୍ଟେମ୍ବର ୨ ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ୬:୩୦ ମିନିଟ ସମୟରେ ରାଜ୍ୟ ସ୍ତରୀୟ ନାଟକ ଉତ୍ସବ "ରଙ୍ଗ ମଞ୍ଚ" ଅନୁଷ୍ଠିତ ହେବାକୁ ଯାଉଛି ସେପ୍ଟେମ୍ବର ୨ ତାରିଖ ସନ୍ଧ୍ୟା ୬:୩୦ ମିନିଟରେ ଅନୁଷ୍ଠିତ ହେବାକୁ ଥିବା ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରସମନ, ଜଙ୍ଗଲ ଓ ପରିବେଶ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ସତ୍ୟବ୍ରତ ସାହୁ ଏବଂ ସମ୍ମାନୀୟ ଅତିଥି ଭାବରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିଲୀପ ରାଉତ ରାଏ, ଅନୁଗୋଳ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଢେଙ୍କାନାଳର ବିଶିଷ୍ଟ ନାଟ୍ୟକାର ଶ୍ରୀଯୁକ୍ତ ଦିଲ୍ଲୀଶ୍ୱର ମହାରଣା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେପ୍ଟେମ୍ବର ୬ ତାରିଖ ସନ୍ଧ୍ୟା ୬:୩୦ ମିନିଟରେ ଅନୁଷ୍ଠିତ ହେବାକୁ ଥିବା "ରଙ୍ଗ ସଙ୍ଗମ"ର ଉଦଜାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଓ ଅବକାରୀ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ଏବଂ ସମ୍ମାନିତ ଅତିଥି ଭାବରେ ଓଡ଼ିଶାର ମାନ୍ୟବର ଉପ-ବାଚସ୍ପତି ଶ୍ରୀଯୁକ୍ତ ରଜନୀକାନ୍ତ ସିଂହ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପ-ସଭାପତି ଶ୍ରୀଯୁକ୍ତ ମନ୍ମଥ କୁମାର ଶତପଥି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଏହି ନାଟକ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱର "ଅଭିନୟ ଜାଗୃତି ଇନଷ୍ଟିଚ୍ୟୁଟ ଅଫ ଥିଏଟର" ଦ୍ୱାରା ଡଃ. ବିଜୟ ମିଶ୍ରଙ୍କ ରଚିତ ଓ ଅଜିତ ଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ " ଶେଷ ପାହାଚ " ପ୍ରଦର୍ଶିତ ହେବ । ଦ୍ୱିତୀୟ ସନ୍ଧ୍ୟାରେ ବରଗଡ଼ ପଦ୍ମପୁରର "ଲୁ" ଦ୍ୱାରା କେଶରଞ୍ଜନ ପ୍ରଧାନଙ୍କ ଦ୍ୱାରା ରଚିତ ଓ ରବୀରଞ୍ଜନ ପ୍ରଧାନଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ "ଜିଷ୍ଟିତ ଭୋଗମ" ପ୍ରଦର୍ଶିତ ହେବ । ତୃତୀୟ ସନ୍ଧ୍ୟାରେ ଭୁବନେଶ୍ୱରର "ଥିଏଟର ଫର ଏଜୁକେଶନାଲ ଆୱାରନେସ ମୋଭମେଣ୍ଟ" ଦ୍ୱାରା ବିଜୁଦତ୍ତ ଦୀକ୍ଷିତଙ୍କ ଦ୍ୱାରା ରଚିତ ଓ ଶତ୍ରୁଘ୍ନ ସାମଲଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ "ସାହାଡା ସୁନ୍ଦରୀ" ପ୍ରଦର୍ଶିତ ହେବ । ଚତୁର୍ଥ ସନ୍ଧ୍ୟାରେ "ପରିଚୟ" ରାଉରକେଲା ଦ୍ୱାରା ଚିନ୍ତାମଣି ଜେନାଙ୍କ ରଚିତ ଓ ପଂଚାନନ ପାତ୍ରଙ୍କ ନିର୍ଦ୍ଦେଶିତ ନାଟକ "କୋକୁଆ" ପ୍ରଦର୍ଶିତ ହେବ ।

ଉଦଯାପନୀ ଓ ଅନ୍ତିମ ସନ୍ଧ୍ୟାରେ ସ୍ଥାନୀୟ ଅନୁଗୋଳର ଅଗ୍ରଣୀ ସେବା ସାଂସ୍କୃତିକ ଅନୁଷ୍ଠାନ କଳାକାର ଅନୁଗୋଳ ଦ୍ୱାରା ଡଃ. ଶିବ କୁମାର ରଥଙ୍କ ରଚିତ ଓ ଡଃ. କୃଷ୍ଣ ଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶିତ ନାଟକ " ଶୃଙ୍ଖଳା ସମୁଦ୍ର" ପରିବେଷଣ କରାଯିବ ।

ଏହି ନାଟକ ଉତ୍ସବଟି ସମ୍ପୂର୍ଣ୍ଣ ମୁକ୍ତ ପ୍ରବେଶ ରହିବ ।

31.8.23

District Culture Officer,
ANGUL

OPPO Reno7 5G
DIPRO ANGL | 2023.08.31 16:54


ରଙ୍ଗ ସଙ୍ଗମ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ
ଓ ଜିଲ୍ଲା ସଂସ୍କୃତି ପରିଷଦ, ଅନୁଗୋଳ ମିଳିତ ସହଯୋଗରେ ଆୟୋଜିତ
ରାଜ୍ୟସ୍ତରୀୟ ନାଟକ ଉତ୍ସବ
ତା. ୦୨ ରୁ ୦୬ ସେପ୍ଟେମ୍ବର ୨୦୨୩, ପ୍ରତ୍ୟହ ସନ୍ଧ୍ୟା ଘ. ୬.୩୦ ମିନିଟ୍ | ସ୍ଥାନ : ସଭାଘର, ଅନୁଗୋଳ
୦୨.୦୯.୨୦୨୩
ନାଟକ :
"ଶେଷ ପାହାଚ"
ରଚନା : ଡ. ବିଜୟ ମିଶ୍ର
ନିର୍ଦ୍ଦେଶନା : ଅଜିତ୍ ଦାସ
ଉପସ୍ଥାପନା :
ଅଭିନୟ ଜାଗୃତି ଇନ୍ଷ୍ଟିଚ୍ୟୁଟ ଅଫ ଥିଏଟର ଭୁବନେଶ୍ୱର
୦୩.୦୯.୨୦୨୩
ନାଟକ :
"କିଂଚିତ ଭୋଗମ"
ରଚନା: କେଶରଂଜନ ପ୍ରଧାନ
ନିର୍ଦ୍ଦେଶନା: ରବିରଂଜନ ପ୍ରଧାନ
ଉପସ୍ଥାପନା :
ଲ୍ଟ, ପଦମପୁର, ବରଗଡ଼
୦୪.୦୯.୨୦୨୩
ନାଟକ :
"ସାହାଡ଼ା ସୁନ୍ଦରୀ"
ରଚନା: ବିଭୁଦତ୍ତ ଦୀକ୍ଷିତ
ନିର୍ଦ୍ଦେଶନା : ଶତ୍ରୁଘ୍ନ ସାମଲ
ଉପସ୍ଥାପନା :
ଥିଏଟର ଫର ଏଜୁକେସନାଲ ଆୱାରନେସ ମୁଭମେଣ୍ଟ, ଭୁବନେଶ୍ୱର
୦୫.୦୯.୨୦୨୩
ନାଟକ :
"କୋକୁଆ"
ରଚନା: ଚିନ୍ତାମଣି ଜେନା
ନିର୍ଦ୍ଦେଶନା : ପଞ୍ଚାନନ ପାତ୍ର
ଉପସ୍ଥାପନା :
ପରିଚୟ, ରାଉରକେଲା
୦୬.୦୯.୨୦୨୩
ନାଟକ :
"ଶୃଙ୍ଖଳା ସମୁଦ୍ର"
ରଚନା: ଡା. ଶିବ କୁମାର ରଥ
ନିର୍ଦ୍ଦେଶନା : ଡା. କୃଷ୍ଣଚନ୍ଦ୍ର ଦାଶ
ଉପସ୍ଥାପନା :
କଳାକାର, ଅନୁଗୋଳ
ଏହି ରାଜ୍ୟସ୍ତରୀୟ ନାଟକ ଉତ୍ସବକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।
ସ୍ଥାନୀୟ ସହଯୋଗ : କଳାକାର, ଅନୁଗୋଳ